## କେନ୍ଦ୍ର ସାହିତ୍ୟ ଅକାଦେମି ଓ ଯୁଗଶ୍ରୀ ଯୁଗନାରୀ ପକ୍ଷରୁ ଓଡ଼ିଆ ଲେଖିକା ସମ୍ମେଳନ

# 'ମାନବିକ ମୂଲ୍ୟବୋଧର ଅଧୋଗତି ସମ୍ପର୍କରେ ଲେଖିକାମାନେ ସଚେତନ ହୁଅନ୍ତୁ'





ବାଲେଶ୍ୱର,୧୪/୮(ଇମିସ): ଆଜାଦି କା ଅମୃତ ମହୋତ୍ସବ ଅବସରରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହଯୋଗରେ କେନ୍ଦ୍ର ସାହିତ୍ୟ ଅକାଦେମି ଏବଂ ଯୁଗଶ୍ରୀ ଯୁଗନାରୀ ମିଳିତ ଆନୁକୂଲ୍ୟରେ ରବିବାର ପୂର୍ବାହ୍ନରେ ସ୍ଥାନୀୟ ହୋଟେଲ ଫାଲ୍ଗୁନି ସମ୍ମିଳନୀ କକ୍ଷରେ ଓଡ଼ିଆ ଲେଖିକା ସମ୍ମେଳନ 'ଲେଖିକାଙ୍କ ସାହିତ୍ୟରେ ନାରୀ ମନସ୍ତତ୍ତ୍ୱ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହଙ୍କ ପୌରୋହିତ୍ୟରେ ସାରଳା ପୁରସ୍କାର ବିଜେତା ବନଜ ଦେବୀ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ମାନବିକ ମୂଲ୍ୟବୋଧର ଅଧୋଗତି ସଂପର୍କରେ ଲେଖିକାମାନେ ଅଧିକ ସଚେତନ ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ୧୮୯୨ ମସିହାରେ ଫକୀରମୋହନଙ୍କ 'ରେବତୀ' ଗଳ୍ପ ନାରୀ ମନସ୍ତତ୍ତ୍ୱର ପ୍ରଥମ ଉଦାହରଣ ବୋଲି ବନଜ ଦେବୀ ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ କବି ବିମଳ ଜେନା ନାରୀ ମନସ୍ତତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବିଜୟିନୀ ସିଂହଦେଓ, ସରଳା ଦେବୀ, ଅର୍ଚ୍ଚନା ନାୟକ, କବିତା ବାରିକ, ବୀଣାପାଣି ମହାନ୍ତି, ପ୍ରତିଭା ରାୟ ଓ ମନୋରମା ବିଶ୍ୱାଳ ମହାପାତ୍ର ଆଦି କବିଙ୍କ ଲେଖାରେ ନାରୀ ମନସ୍ତତ୍ତ୍ୱ ଚିରନ୍ତନ ରୂପରେ ରୂପାୟିତ ବୋଲି ଶ୍ରୀ ଜେନା ମତବ୍ୟକ୍ତ କରିଥିଲେ। କେନ୍ଦ୍ର ସାହିତ୍ୟ ଅକାଦେମିର ଆଂଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇଥିଲେ। ଦୀର୍ଘ ୨୬ ବର୍ଷ ପରେ ବାଲେଶ୍ୱରରେ ଦ୍ୱିତୀୟ ଥର ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମି ସହାୟତାରେ ଲେଖିକା ସମ୍ମେଳନ ଅନୁଷ୍ଠିତ ହୋଇଥିବାରୁ 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ସଂପାଦିକା ମମତା ମହାପାତ୍ର ଅକାଦେମିକୁ ଧନ୍ୟବାଦ ଜଣାଇଥିଲେ। ଏହାସହ ସମ୍ମେଳନର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ 'ଯୁଗଶ୍ରୀ ଯୁଗନାରୀ'ର ଅଗଷ୍ଟ-୨୦୨୨ ସଂଖ୍ୟାକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଶେଷରେ ସହ ସଂପାଦିକା ଡ. ପ୍ରଭାବତୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ସମ୍ମେଳନରେ ଚାରିଟି ଅଧିବେଶନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ଡ. ଶକୁନ୍ତଳା ବଳିୟାରସିଂହଙ୍କ ସଭାପତିତ୍ୱରେ ଡ. ବିଷ୍ଣୁପ୍ରିୟା ଓତା, ହରେଣା ପଟ୍ଟନାୟକ, ଡ. ପ୍ରଭାତ ନଳିନୀ ମହାପାତ୍ର ପ୍ରବନ୍ଧ ପାଠ କରିଥିଲେ। ଡ. ମୀନାକ୍ଷି ପଣ୍ଡା ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠ ହୋଇଥିବା ବେଳେ ପ୍ରଜ୍ଞା ପଟ୍ଟନାୟକଙ୍କ ସଭାପତିତ୍ୱରେ ସାହିତ୍ୟିକା ତଥା ଓଡ଼ିଶା ସାହିତ୍ୟ ଏକାଡେମିର କାର୍ଯ୍ୟକାରିଣୀ ସଦସ୍ୟା ଡ. ସୁଶ୍ରୀ ଲେଙ୍କା, ମୈତ୍ରେୟୀ ସାହୁ ଓ ସୁଚିତ୍ରା ପାଣିଗ୍ରାହୀ ଯୋଗଦେଇ ନିଜ ନିଜର କବିତା ପାଠ କରିଥିଲେ। ଗୀତାଞ୍ଜଳି ସିଂହ ଧନ୍ୟବାଦ ଦେଇଥିଲେ। ତୃତୀୟ ଅଧିବେଶନରେ ଗଳ୍ପ ପାଠ ସଭାରେ ପୁଷ୍ପାଞ୍ଜଳି ନାୟକଙ୍କ ସଭାପତିତ୍ୱରେ ବୈଜୟନ୍ତୀ ମିଶ୍ର, ଜୟନ୍ତୀ ରଥ ଓ ସିନ୍ଧୁ ସେନ ଗଳ୍ପପାଠ କରିଥିଲେ। ସ୍ମୃତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ତିମ ଅଧିବେଶନରେ କବି ଦୀପ୍ତି ଦାସଙ୍କ ସଭାପତିତ୍ୱରେ ଅଞ୍ଜଳି ପଣ୍ଡା, ଚିତ୍ରାରାଣୀ ପାତ୍ର, ମନସ୍ମିନୀ ଦେବୀ ଓ ପ୍ରୀତିଲେଖା ଦାସ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କମଳାକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହିତ ଡ. କ୍ଷିତୀଶ୍ୱର ଦାଶ ବେଦପାଠ କରିଥିବା ବେଳେ ସଂଗୀତ ନିର୍ଦ୍ଦେଶକ ଅମ୍ଳାଂଶୁ ପଟ୍ଟନାୟକ ଏବଂ ସାଥୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏହି ଲେଖିକା ସମ୍ମେଳନରେ ଶତାଧିକ ସାହିତ୍ୟିକ ଅଂଶଗ୍ରହଣ କରିଥିଲେ।

© SHAMBHU DAS